## ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ୫.୫୦ଲକ୍ଷ ଲୁଟ

ନିରାକାରପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ନିକଟ ଜାତୀୟ ରାଜପଥରେ ଗୁରୁବାର ୨ଜଣ ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ୫ଲକ୍ଷ ୫୦ହଜାର ଟଙ୍କା ଲୁଟି ନେଇଛନ୍ତି। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ରାମେଶ୍ୱର ଛକ ନିକଟ ପାଇକରାୟ ପେଟ୍ରୋଲ ପମ୍ପ କର୍ମଚାରୀ ସଂଗ୍ରାମ ଜୟସିଂ ଓ ସୁମନ୍ତ ବେହେରା ଉକ୍ତ ଟଙ୍କା ଡିପୋଜିଟ ପାଇଁ ଜଙ୍କିଆସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ସ୍କୁଟିରେ ଯାଉଥିଲେ। ରାମେଶ୍ୱର ଓ ଜଙ୍କିଆ ଛକ ମଧ୍ୟବର୍ତ୍ତୀ ଅଞ୍ଚଳରେ ୨ଟି ପଲ୍ସରରେ ୬ଜଣ ମୁଖାପିନ୍ଧା ଦୁର୍ବୃତ୍ତ ପହଞ୍ଚି ସେମାନଙ୍କ ସ୍କୁଟିକୁ ଧକ୍କା ଦେଇ ଟଙ୍କା ଲୁଟିନେଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

**ସଂକ୍ଷେପରେ**

## ମୋବାଇଲ ଲୁଟିଥିଲେ, ଚୋରା ବାଇକ୍ ସହ ଧରାପଡ଼ିଲେ



**ଭୁବନେଶ୍ୱର, ୧୫।୪(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ପୋଲିସ ମୋବାଇଲ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ମଣ୍ଡପ ବସ୍ତିର ଶ୍ୟାମସୁନ୍ଦର ରାଓ। ତାଙ୍କ ନାମରେ ମୋବାଇଲ ଫୋନ୍ ଚୋରି ଅଭିଯୋଗ ରହିଥିଲା। କିନ୍ତୁ ଧରାପଡିବା ପରେ ତାଙ୍କଠାରୁ ଉକ୍ତ ମୋବାଇଲ ସହ ଏକ ଚୋରା ବାଇକ ମିଳିଛି। ପୋଲିସ ଗୁରୁବାର ଶ୍ୟାମସୁନ୍ଦରଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁସାରେ, ଡମଣା ନିକଟ ତାରିଣୀ ବସ୍ତିରେ ରହୁଥିବା ସୁଧାକର ବେହେରା ଗତ ୯ ତାରିଖ ରାତିରେ ତାଙ୍କ ଭଡ଼ା ଘରେ ଶୋଇଥିଲେ। ସେହି ସମୟରେ ତାଙ୍କ ମୋବାଇଲ ଫୋନ୍‌କୁ କେହି ଚୋରି କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୧୯୭/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ଚୋରି ଫୋନ୍‌କୁ ଟ୍ରାକ୍ କରି ପୋଲିସ ଅଭିଯୁକ୍ତ ଶ୍ୟାମସୁନ୍ଦରଙ୍କୁ ମୈତ୍ରୀବିହାର ନିକଟରୁ ଧରିଥିଲା।

## ଚାକିରି ନାଁରେ ୧୧ ଲକ୍ଷ ଠକେଇ, ୨ ଗିରଫ

**ଭୁବନେଶ୍ୱର, ୧୫।୪:** ରେଲ୍‌ୱେ ସମେତ ବିଭିନ୍ନ ସରକାରୀ ବିଭାଗରେ ଚାକିରି ଦେବାକୁ କହି କେତେଜଣ ଯୁବକଙ୍କଠାରୁ ୧୧ ଲକ୍ଷ ୧୦ ହଜାର ଟଙ୍କା ଠକେଇ ଅଭିଯୋଗରେ ୨ ଜଣ ଦଲାଲକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ସେମାନେ ହେଲେ ମୟୂରଭଞ୍ଜର ଅମୂଲ୍ୟ ମୁଦୁ ଓ ହ୍ରିତିକ୍ ମୁଦୁ । ଏମାନେ ମଞ୍ଚେଶ୍ୱର ଥାନା ଅଧୀନ ଗଙ୍ଗୁଆନାଳ ଅଞ୍ଚଳରେ ଭଡ଼ା ଘରେ ରହି ଏଭଳି ଠକେଇ କରୁଥିଲେ। ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରାଯିବା ସହ ସେମାନଙ୍କଠାରୁ ନକଲି ନିଯୁକ୍ତିପତ୍ର, ବିଭିନ୍ନ ସରକାରୀ ଅଫିସର ନକଲି ଷ୍ଟାମ୍ପ ଜବତ କରାଯାଇଛି । ସୂଚନା ଅନୁଯାୟୀ, ଗତ କିଛିମାସ ହେଲା ଏମାନେ ବିଭିନ୍ନ ଜିଲାର ବେକାର ଯୁବକଙ୍କୁ ଚାକିରି ଲୋଭ ଦେଖାଇ ସେମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଣିବା ପରେ ଜାଲ୍ ନିଯୁକ୍ତିପତ୍ର ଦେଇ ଫେରାର ହୋଇଯାଉଥିଲେ। ଏମିତି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଯୁବକଙ୍କଠାରୁ ୧୧ ଲକ୍ଷ ୧୦ ହଜାର ଟଙ୍କା ଠକି ନେଇଥିଲେ । ଏନେଇ ଗତ ମାର୍ଚ୍ଚ ୩ରେ କ୍ୟାପିଟାଲ ଥାନାରେ ଠକେଇର ଶିକାର କେତେଜଣ ଯୁବକ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

## ଭିକ୍ଷାବୃତ୍ତି କରୁଥିବା କିନ୍ନରମାନଙ୍କ ପାଇଁ ନିର୍ମାଣ ହେବ ଆବାସସ୍ଥଳ

**ଭୁବନେଶ୍ୱର, ୧୫।୪ (ବ୍ୟୁରୋ):** ରାଜଧାନୀକୁ ସ୍ୱଚ୍ଛ ଓ ନିର୍ମଳ ସହର ସହିତ ଭିକାରୀ ମୁକ୍ତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖୁବ୍‌ଶୀଘ୍ର ରାଜଧାନୀରେ ଭିକ୍ଷାବୃତ୍ତି ଅବଲମ୍ବନ କରୁଥିବା କିନ୍ନରଙ୍କ ରହଣୀ ପାଇଁ ୫୦ ଶଯ୍ୟା ବିଶିଷ୍ଟ ଆବାସସ୍ଥଳ ନିର୍ମାଣ କରାଯିବ। ଭିନ୍ନକ୍ଷମ ଓ ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏଥିପାଇଁ ସବୁଜ ସଙ୍କେତ ମିଳିଛି। ଏହାର ପରିଚାଳନା ପାଇଁ ଖୁବ୍ ଶୀଘ୍ର ଏକ ଏଜେନ୍ସି ସହିତ ଚୁକ୍ତି କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ପୂର୍ବରୁ ବିଏମ୍‌ସିକୁ ମହିଳା, ଶିଶୁ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଆବସସ୍ଥଳୀ ପାଇଁ ଅନୁମତି ମିଳିଥିବାବେଳେ ଏନେଇ ଏଜେନ୍ସି ସହିତ ଚୁକ୍ତି ମଧ୍ୟ ସରିଥିବା ସୂଚନା ଦିଆଯାଇଛି। କିନ୍ନରମାନେ ସମାଜରେ ଏକ ସ୍ୱତନ୍ତ୍ର ବର୍ଗ। ଅନେକ ସମୟରେ ନିଜର ଜୀବନ ନିର୍ବାହ କରିବା ପାଇଁ ସେମାନେ ଭିକ୍ଷାବୃତ୍ତି କରିବାକୁ ବାଧ ହେଉଛନ୍ତି। ତେବେ ଏହି ଅବାସସ୍ଥଳୀରେ ଭିକ୍ଷାବୃତ୍ତି କରୁଥିବା କିନ୍ନରମାନେ ରହିବା ସହ ସେମାନଙ୍କ ଦକ୍ଷତା ବିକାଶ ନେଇ କାର୍ଯ୍ୟ କରାଯିବ ବୋଲି ଚୌଧାରୀ କହିଛନ୍ତି। ସୂଚନା ଯୋଗ୍ୟ, କମିଶନରେଟ ପୋଲିସ ଓ ବିଭିନ୍ନ ସମାଜିକ ଅନୁଷ୍ଠାନ ପକ୍ଷରୁ ସହରକୁ ଭିକାରୀ ମୁକ୍ତ କରିବା ପାଇଁ ବିଭିନ୍ନ ସ୍ଥାନ ବୁଲି ସେମାନଙ୍କୁ ସଚେତନ କରାଇବା ସହ ରାସ୍ତା କଡରେ ଭିକ୍ଷାବୃତ୍ତି ନ କରିବାକୁ ପରାମର୍ଶ ଦିଆଯାଉଛି।

# ପ୍ରବାସୀ ଓଡ଼ିଆଙ୍କ ବସ୍ ଦୁର୍ଘଟଣାଗ୍ରସ୍ତ

**ପୁଣି ଆରମ୍ଭ ହେଲା ଘରବାହୁଡ଼ା**

- ଟ୍ରକ୍ ଚାଳକ ମୃତ, ବହୁ ଯାତ୍ରୀ ଆହତ
- କେରଳରୁ ପ୍ରବାସୀଙ୍କୁ ନେଇ ଆସୁଥିଲା ବସ୍



ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି।

**ଖୋର୍ଦ୍ଧା ଅଫିସ,୧୫।୪**

କରୋନା ଭୟରେ ପୁଣି ପ୍ରବାସୀ ଓଡ଼ିଆଙ୍କ ଘର ବାହୁଡ଼ା ଆରମ୍ଭ ହୋଇଛି। କେରଳରୁ ପ୍ରବାସୀଙ୍କୁ ଧରି ଆସୁଥିବା ଏକ ଘରୋଇ ବସ୍‌ଟି ଖୋର୍ଦ୍ଧା ଜିଲା ଟାଙ୍ଗୀ ବାଇପାସ୍ ୧୬ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ମାଲବାହୀ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହେବାରୁ ବହୁ ଯାତ୍ରୀ ଆହତ ହୋଇଥିବାବେଳେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତେବେ ଦୁର୍ଘଟଣାକୁ ନେଇ କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ମୁତାବକ, ଜାତୀୟ ରାଜପଥରେ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ତେଣୁ ବିଭିନ୍ନ ସ୍ଥାନରେ ରାସ୍ତାର ଗୋଟିଏ ରୁଟ୍‌ରେ ଯାନବାହନ ଯାତାୟାତ କରୁଥିବାବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କେରଳର କୁନୁର ଅଞ୍ଚଳରୁ କେନ୍ଦ୍ରାପଡ଼ା ଜିଲାର ପ୍ରବାସୀ ଓଡ଼ିଆଙ୍କୁ ଧରି ଆସୁଥିବା ବସ୍ (କେଏଲ୍୬୭-୫୦୯୮)ଟି ଟାଙ୍ଗୀ ବାଇପାସ୍‌ରେ ଏକ ଟ୍ରକ୍ ସହ ମହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବସ୍ ଓ ଟ୍ରକ୍‌ର ସମ୍ମୁଖ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଟ୍ରକ୍ ଚାଳକ କ୍ୟାବିନରେ ଚାପି ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ତ୍ରୁଟିପୂର୍ଣ୍ଣ ରାସ୍ତା ପରିଚାଳନାକୁ ଦାୟୀ କରି ଲୋକେ ହୋହଲ୍ଲା କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଉଭୟ ପଟୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଯାନବାହନ ଚଳାଚଳକୁ ସ୍ୱାଭାବିକ କରିଥିଲେ। ଟ୍ରକ୍‌ର ଆଗପଟ କଟାଯିବା ପରେ ପୋଲିସ ଚାଳକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିଥିଲା। ପରେ ଯାତ୍ରୀଙ୍କୁ ଅନ୍ୟ ବସ୍‌ରେ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା।

# ଭୁବନେଶ୍ୱରରେ ୪ଶହ ମୁହାଁ ସଂକ୍ରମଣ

- ଆଉ ୩୭୯ ପଜିଟିଭ୍ ଚିହ୍ନଟ
- ଚିନ୍ତା ବଢ଼ାଉଛି ଲୋକାଲ କେସ୍

**ଭୁବନେଶ୍ୱର, ୧୫।୪ (ବ୍ୟୁରୋ)**

ଗତ କିଛିଦିନ ହେବ ରାଜ୍ୟରେ କରୋନାର ପ୍ରକୋପ ବଢି ଚାଲିଥିବାବେଳେ ପ୍ରମୁଖ ପ୍ରବେଶ ପଥ ରାଜଧାନୀ ଭୁବନେଶ୍ୱରରେ ସଂକ୍ରମଣ ଉପରମୁହାଁ ରହିଛି। ଏବେ ଦୈନିକ ସଂକ୍ରମଣ ୪ ମୁହାଁ ହୋଇଛି। ଶେଷ ୨୪ ଘଣ୍ଟାରେ ଖୋର୍ଦ୍ଧା ଜିଲାରୁ ରାଜ୍ୟର ଦ୍ୱିତୀୟ ସର୍ବାଧିକ ୪୩୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରରୁ ୩୭୯ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧୦୯ଜଣ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୨୭୦ ଲୋକାଲ କେସ୍ ବା ସ୍ଥାନୀୟ ଆକ୍ରାନ୍ତ ଅଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୪ହଜାର ୫୭୯ରେ ପହଞ୍ଚିଛି। ସେହିପରି ଗତ ୨୪ ଘଣ୍ଟାରେ ୬୬ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ସୁସ୍ଥଙ୍କ ସଂଖ୍ୟା ୩୨ ହଜାର ୫୧୪କୁ ବୃଦ୍ଧି ପାଇଥିବାବେଳେ ୧୭୯୪ଜଣ ଚିକିତ୍ସାଧୀନ ଅଛନ୍ତି ଓ ୨୫୦ଜଣଙ୍କ ମୃତ୍ୟୁ ଘଟିଛି। ତେବେ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବା ୧୦୯ଜଣଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୧୪ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ଲୋକାଲ୍ କେସ ମଧ୍ୟରୁ ପୁରୁଣା ଭୁବନେଶ୍ୱରରୁ ସର୍ବାଧିକ ୧୭, ନୟାପଲ୍ଲୀ ୧୫, ଖଣ୍ଡଗିରି ୧୧, ଚନ୍ଦ୍ରଶେଖରପୁର ୧୦, ସାମନ୍ତରାପୁର ୭, ଆଚାର୍ଯ୍ୟବିହାର ୭, ବଡଗଡ ୫, ଗଙ୍ଗନଗର ୧, ମହାବୀର ନଗର ୨, ରସୁଲଗଡ ୩, ଶହୀଦନଗର ୨, ଜିଜିପି କଲୋନୀ ୪, ମାଷ୍ଟରକ୍ୟାଣ୍ଟିନ୍ ୨, ଶୈଳଶ୍ରୀବିହାର ୨, ହଂସପାଳ ୫, ବରମୁଣ୍ଡା ୩, ଭୀମଟାଙ୍ଗୀ ୨, ବିଜେବି ନଗର ୨, ଜାଗମରା ୬, ଶାସ୍ତ୍ରୀନଗର ୩, ଜଗନ୍ନାଥନଗର ୨, ଜୟଦେବବିହାର ୪, ଝାରପଡା ୪, ୟୁନିଟ-୮ରୁ ୭, ଟଙ୍କପାଣିରୋଡ୍ ୭, ପଳାଶୁଣୀ ୪, କଳିଙ୍ଗନଗର ୬, ମଞ୍ଚେଶ୍ୱର ୮, ଡୁମୁଡୁମା ୬, କଳ୍ପନା ଛକ ୬, ସତ୍ୟନଗର ୬, ୟୁନିଟ-୩ରୁ ୬, ନୀଳାଦ୍ରିବିହାର ୧୦, ଏକାମ୍ରବିହାର ୧, ଫରେଷ୍ଟ ପାର୍କ ୧, ଲକ୍ଷ୍ମୀସାଗର ୬, ପୋଖରୀପୁଟ ୪, ୟୁନିଟ-୬ରୁ ୪ଜଣ, ୟୁନିଟ-୭ରୁ ୧ ଚିହ୍ନଟ ହୋଇଛନ୍ତି।




ପିପିଲି ବିଧାନସଭା ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ କରୋନାରେ ମୃତ୍ୟୁ ପରେ ଗୁରୁବାର ନୟାପଲ୍ଲୀ କଂଗ୍ରେସ ପକ୍ଷରୁ ମହମବତି ଶୋଭାଯାତ୍ରା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ୨ ଡାଇଗ୍ନୋଷ୍ଟିକ୍ ସେଣ୍ଟର ସିଲ୍

**କଟକ ଅଫିସ,୧୫।୪**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମସି) ପକ୍ଷରୁ କୋଭିଡ୍ କଟକଣାକୁ କଡ଼ାକଡ଼ି କରାଯାଇଛି। ଏହାକୁ ଅବମାନନା କଲେ ଜରିମାନା ଆଦାୟ ସହ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି କ୍ରମରେ ଗୁରୁବାର ମଙ୍ଗଳାବାଗସ୍ଥିତ ୨ଟି ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ସିଏମସିର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ସିଲ୍ କରିଛି। ଏହି ଦୁଇଟି ଡାଇଗ୍ନୋଷ୍ଟିକ ସେଣ୍ଟରରେ ଭିଡ଼ ସାଙ୍ଗକୁ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଘଂନ କରାଯାଇଥିବା ଅଭିଯୋଗ ହୋଇଥିଲା। ଗୀତା ଡାଇଗ୍ନୋଷ୍ଟିକ ଓ ମା’ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ଯାଞ୍ଚ ପରେ ସିଲ କରାଯାଇଥିଲା। ସେହିପରି ରାଣୀହାଟ, ମଙ୍ଗଳାବାଗ, ଏସ୍‌ସିବି ମେଡିକାଲ, ତ୍ରିଶୁଳିଆ, ବାଲିକୁଦା ଆଦି ସ୍ଥାନଗୁଡିକରେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଅମାନିଆଙ୍କଠାରୁ ୬୬ ହଜାର ୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ମାସ୍କ, ସାମାଜିକ ଦୂରତା ଏବଂ ନିୟମଠାରୁ ଅଧିକ ଲୋକଙ୍କ ଉପସ୍ଥିତି ଯୋଗୁ ବିଭିନ୍ନ ଦୋକାନ ଏବଂ ଅନୁଷ୍ଠାନଗୁଡ଼ିକରେ ଚଢାଉ କରାଯାଇଛି ବୋଲି ଏନଫୋର୍ସମେଣ୍ଟ ସ୍କ୍ୱାଡ ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି।

## ଦିନକରେ ମାଉସୀ ମା’ ମନ୍ଦିର ପହଞ୍ଚିବ ରୁକୁଣା ରଥ

**ପୁରୁଣା ଭୁବନେଶ୍ୱର,୧୫।୪(ଡି.ଏନ୍.ଏ.)**

**ଅପରାହ୍ନ ୩ଟା ୩୦ରେ ରଥଟଣା**



ଆସନ୍ତା ୨୦ ତାରିଖରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଏଥିପାଇଁ ରଥ ନିର୍ମାଣ ଓ ଅନ୍ୟାନ୍ୟ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ବିନା ଭକ୍ତରେ ରଥ ଯାତ୍ରା ଅନୁଷ୍ଠିତ ହେବ। ଗୁରୁବାର ସର୍କିଟ ହାଉସରେ ଖୋର୍ଦ୍ଧା ଜିଲାପାଳ ସନତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା । ହୋଇଥିବା ନିଷ୍ପତ୍ତି ଅନୁସାରେ ଅପରାହ୍ନ ୩ଟା ୩୦ରେ ରଥ ଟଣାଯିବ । ରଥଖଳାରୁ ରାମେଶ୍ୱର ମନ୍ଦିର ତଥା ମାଉସୀ ମା’ ମନ୍ଦିର ପର୍ଯ୍ୟନ୍ତ ରଥକୁ କୋଭିଡ୍ ଟେଷ୍ଟ କରାଯାଇଥିବା ସେବାୟତ ଓ ପୋଲିସ କର୍ମଚାରୀମାନେ ଟାଣିବେ। ପାଞ୍ଚ ଦିନିଆ ଏହି ଅଶୋକାଷ୍ଟମୀ ଯାତ୍ରାରେ ଚଳିତ ବର୍ଷ ଗୋଟିଏ ଦିନରେ ରଥ ମାଉସୀ ମା’ ମନ୍ଦିର ଠାରେ ପହଞ୍ଚିବା ଲାଗି ସ୍ଥିର ହୋଇଛି। ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ସମେତ ନିଯୋଗ ପ୍ରମୁଖ ଏବଂ ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସତ୍ୟନଗର ଶ୍ମଶାନ ବିଦ୍ୟୁତ୍ ଚୁଲା ଅଚଳ

**ଭୁବନେଶ୍ୱର, ୧୫।୪(ବ୍ୟୁରୋ)**



**ଶଟର ସଜାଡିବାକୁ ବଙ୍ଗାଳି ମିସ୍ତ୍ରିଙ୍କୁ ଅପେକ୍ଷା**

ସତ୍ୟନଗର ଶ୍ମଶାନର ବିଦ୍ୟୁତ ଚୁଲା ମଙ୍ଗଳବାରଠାରୁ ଅଚଳ ହୋଇପଡିଛି। ଫଳରେ ଶୀଘ୍ର ଓ ସ୍ୱଳ୍ପ ମୂଲ୍ୟରେ ମୃତଦେହ ପୋଡିବା ବ୍ୟବସ୍ଥାରେ ବ୍ୟାଘାତ ସୃଷ୍ଟି ହୋଇଛି। ୩ଦିନ ହେବ କୋଲକାତା ମିସ୍ତ୍ରିଙ୍କୁ ଅପେକ୍ଷା କରି ବସିଛି ବିଏମ୍‌ସି ବିଦ୍ୟୁତ୍ ବିଭାଗ। ଏହି ଶ୍ମଶାନଟି ବିଏମସି ଦ୍ୱାରା ପରିଚାଳିତ ହେଉଛି। ଏଠାରେ ଶବ ପୋଡିବାକୁ କାଠ ଓ ବିଦ୍ୟୁତ୍ ଚୁଲାର ବ୍ୟବସ୍ଥା ରହିଛି। କାଠରେ ପୋଡ଼ିଲେ ୨୫୦୦ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବିଦ୍ୟୁତ ଚୁଲା ପାଇଁ ୩୫୦ଟଙ୍କା ରହିଛି। ଯଦି କେହି କାଠ ଦେବା ସହ ନିଜେ ପୋଡିବାକୁ ଚାହିଁବେ, ତେବେ କିଛି ମୂଲ୍ୟ ଦେବାକୁ ପଡିବନାହିଁ। ମୃତଦେହ ପୋଡିବା କାର୍ଯ୍ୟ ପାଇଁ ଏଠାରେ ବିଏମ୍‌ସି ତରଫରୁ ୨ଜଣ ଠିକା କର୍ମଚାରୀ ରହିଥିବାବେଳେ ୪ଜଣ ଅଫିସ କାର୍ଯ୍ୟପାଇଁ ନିୟୋଜିତ ଅଛନ୍ତି। ଏଠାରେ ରାଜଧାନୀ ସମେତ ସହର ବାହାରର ମୃତଦେହ ଦାହ କରାଯାଉଛି। ଏଥିସହ ମୃତ କୋଭିଡ୍ ରୋଗୀଙ୍କ ସତ୍କାର ପାଇଁ ବିଏମ୍‌ସି ପକ୍ଷରୁ କେବଳ ସତ୍ୟନଗର ଶ୍ମଶାନରେ ହିଁ ବ୍ୟବସ୍ଥା ରହିଛି। ଗତବର୍ଷ କୋଭିଡ୍ ସମୟରେ ସତ୍ୟନଗର ଶ୍ମଶାନରେ ଶବଦାହ ପାଇଁ ଧାଡ଼ି ଲାଗିଥିଲା। କୋଭିଡ୍ ଆକ୍ରାନ୍ତଙ୍କ ସହ ସାଧାରଣ ମୃତକଙ୍କୁ ଦାହ ପାଇଁ ଘଣ୍ଟା ଘଣ୍ଟା ଧରି ପକାଇ ରଖାଯାଉଥିଲା। ଚଳିତବର୍ଷ କରୋନାର ଦ୍ୱିତୀୟ ଲହର ଜାରି ରହିଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟା ସେତେଟା ନାହିଁ। ବର୍ତ୍ତମାନ ଶ୍ମଶାନରେ ଦୈନିକ ୪/୫ଟି ଶବଦାହ ହେଉଛି। ଏମାନଙ୍କ ମଧ୍ୟରୁ ଜଣେ ଦୁଇଜଣ କୋଭିଡ୍ ରୋଗୀ ରହୁଛନ୍ତି। ଗୁରୁବାର ୫ ମୃତଦେହ ଦାହ କରାଯାଇଥିବାବେଳେ ୨ଜଣ କୋଭିଡ୍ ରୋଗୀ ଥିବା ଜଣାପଡିଛି। ସ୍ଥିତି ଜଟିଳ ଆଡକୁ ଗତି କରୁଥିବାବେଳେ ଆଗକୁ ସତ୍ୟନଗର ଶ୍ମଶାନରେ ପୂର୍ବର ସ୍ଥିତି ଉପୁଜିବା ଆଶଙ୍କା ରହିଛି। ଏପରିସ୍ଥିତିରେ ସମୟ ଓ ଖର୍ଚ୍ଚ ଦୃଷ୍ଟିରୁ ବିଦ୍ୟୁତ୍ ଚୁଲାର ଆବଶ୍ୟକତା ରହିଛି। କିନ୍ତୁ ଏବେ ବିଦ୍ୟୁତ ଚୁଲା ଅଚଳ ହୋଇପଡିଥିବାରୁ ଶବଦାହରେ ସମସ୍ୟା ଉପୁଜିଛି।

ଏ ସମ୍ପର୍କରେ ବିଏମ୍‌ସିର ସହକାରୀ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍) ସୁକାନ୍ତ କୁମାର ସାବତ କହିଛନ୍ତି, ମଙ୍ଗଳବାର ସକାଳୁ ବିଦ୍ୟୁତ୍ ଚୁଲାର ଶଟର ଖରାପ ହୋଇପଡିଛି। ଶଟର ଠିକ କରିବାକୁ କୋଲକାତାରୁ ମିସ୍ତ୍ରି ମଗାଯାଇଛି। ଖୁବ୍‌ଶୀଘ୍ର ବିଦ୍ୟୁତ୍ ଚୁଲା ସଜଡାଯିବବୋଲିସାବତସୂଚନାଦେଇଛନ୍ତି।

## ୮ ଦିନରେ ୨.୪୩ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

**କଟକ ଅଫିସ, ୧୫।୪**

**କୋଭିଡ୍ ନିୟମ ଉଲ୍ଲଂଘନ ନେଇ ସ୍ପେଶାଲ ଡ୍ରାଇଭ**

କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ ଜାରି ରହିଛି। ଗତ ୮ଦିନ ମଧ୍ୟରେ ୨କୋଟି ୪୩ ଲକ୍ଷ ୬୪ ହଜାର ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ୭ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ପେଶାଲ ଡ୍ରାଇଭ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଡ୍ରାଇଭର ଅଷ୍ଟମ ଦିନରେ ଗୁରୁବାର ସାମାଜିକ ଦୂରତା ନିୟମ ଭଙ୍ଗ କରିଥିବା ୭୭୩ ବ୍ୟକ୍ତିଙ୍କଠାରୁ ୧ଲକ୍ଷ ୩୧ ହଜାର ୫୦୦ ଟଙ୍କା ଓ ମାସ୍କ ପିନ୍ଧି ନ ଥିବା ୭, ୯୪୧ ଜଣଙ୍କଠାରୁ ୨୪ ଲକ୍ଷ ୮୪ ହଜାର ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ରାଜ୍ୟରେ କରୋନା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ରୋକ ଲଗାଇବା ପାଇଁ ୧୩୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏକ ପ୍ରେସ ବିବୃତିରେ ଗୁରୁବାର ସୂଚନା ଦିଆଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦି



@ ରଶ୍ମୀ



@ ଚୁନମୁନ



@ ବିଷ୍ଣୁପ୍ରିୟା



@ ସୌମ୍ୟ



@ ହାପି



@ ଅବିନାଶ

# ମହିଳା କମିଶନରେ ସ୍ୱାମୀ-ସ୍ତ୍ରୀ ହାତାହାତି

- ପାରିବାରିକ ବିବାଦ ମାମଲାର ବିଚାର ଚାଲିଥିଲା
- ଘଟଣା ପରେ କୋର୍ଟକୁ ସ୍ଥାନାନ୍ତର ହେଲା ମାମଲା

**ଭୁବନେଶ୍ୱର, ୧୫।୪**

ରାଜ୍ୟ ମହିଳା କମିଶନଙ୍କ କାର୍ଯ୍ୟାଳୟରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଏକ ପାରିବାରିକ ବିବାଦ ମାମଲାର ବିଚାର ଚାଲିଥିବାବେଳେ ସ୍ୱାମୀ ଓ ସ୍ତ୍ରୀ ହାତାହାତି ହୋଇଥିଲେ। ସ୍ଥିତି ଏପରି ହୋଇଥିଲା ଶେଷରେ କମିଶନ ଉକ୍ତ ମାମଲାକୁ କୋର୍ଟକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ୨୦୧୬ ଏପ୍ରିଲ ୧୬ରେ ଭଦ୍ରକ ଜିଲାର ଜଣେ ଯୁବତୀ ଭୁବନେଶ୍ୱରର ସୁରେଶ ବଳଙ୍କୁ ବିବାହ କରିଥିଲେ। ପରେ ପାରିବାରିକ ଝଗଡାକୁ ନେଇ ଉଭୟଙ୍କ ମଧ୍ୟରେ ସହମତିରେ ଛାଡପତ୍ର ହୋଇଥିଲା। ଏହାପରେ ମାମଲା ମହିଳା କମିଶନଙ୍କୁ ଆସିଥିଲା। ଗୁରୁବାର ମାମଲାର ବିଚାର ହେବାକୁ ଥିବାରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ କମିଶନରେ ହାଜର ହୋଇଥିଲେ। ସ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ପ୍ରଥମରୁ ତାଙ୍କୁ ମିଛ କହି ବିବାହ କରିଥିଲେ। ସୁରେଶ ସଫ୍ଟୱେର ଇଞ୍ଜିନିୟର ଥିବା କହିଥିବାବେଳେ ପରେ ତାଙ୍କର ଚାକିରି ନ ଥିବା ସେ ଜାଣିବାକୁ ପାଇଥିଲେ। ଉଭୟ ପୁଣେରେ ରହୁଥିବାବେଳେ ସୁରେଶଙ୍କ ଭିଣୋଇ ତାଙ୍କ ଉପରେ ଖରାପ ନଜର ପକାଇଥିଲେ। ଏ ସମ୍ପର୍କରେ ସେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏପରିକି ତାଙ୍କ ସ୍ୱାମୀ ଭିଣୋଇଙ୍କୁ ସମର୍ଥନ କରୁଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ହାତାହାତି ହୋଇଥିଲା। ସୁରେଶ ତାଙ୍କ ସ୍ତ୍ରୀଙ୍କୁ ଚାପୁଡା ମାରିଥିବାବେଳେ ସ୍ତ୍ରୀ ମଧ୍ୟ ତାଙ୍କୁ ଚାପୁଡା ମାରିଥିଲେ। ଏହି ଘଟଣାକୁ ନେଇ ଏବେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ସ୍ୱାମୀ ତାଙ୍କୁ ଦୁଇଟି ଚାପୁଡା ମାରିଥିବାବେଳେ ସେ ଗୋଟିଏ ମାରିଛନ୍ତି। ଆଉ ଗୋଟିଏ ବାକି ଅଛି ପରେ ସୁଝେଇବେ ବୋଲି ସ୍ତ୍ରୀ କହୁଥିବା ଦେଖିବାକୁ ମିଳୁଛି।

## ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ଆଲୋଚନା ଚକ୍ର

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପକ୍ଷରୁ ଏକ ଆଲୋଚନାଚକ୍ର ଗୁରୁବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ଅଧକ୍ଷ ରାମଶଙ୍କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂ, ଯମେଶ୍ୱର କହଲସିଂ, ଆଇନଜୀବୀ ଅର୍ଜୁନ ଚରଣ ମହାନ୍ତି, ସୁନିଲ ବୋଷ, ସମରେନ୍ଦ୍ର ବଳିଆରସିଂ, ତ୍ରିଲୋଚନ ଦାସ, ନିଶିକାନ୍ତ କହଲସିଂ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ଲୋକଙ୍କ ବିଭିନ୍ନ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବା ସହ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସ୍ଥିର କରାଯାଇଛି।

**ସଂକ୍ଷେପରେ**

## ମଦ ଜବତ, ମହିଳାଙ୍କ ସମେତ ୪ ଗିରଫ

**ଖୋର୍ଦ୍ଧା ଅଫିସ,୧୫।୪:** ଖୋର୍ଦ୍ଧା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶତାଧିକ ଲିଟର ମଦ ଜବତ ସହ ପୋଚ ନଷ୍ଟ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗୋପୀନାଥପୁର ଗ୍ରାମର ପୁଷ୍ପାଞ୍ଜଳି ରାଉତରାୟ, ମଙ୍ଗଳପୁର ଗ୍ରାମର ଅନନ୍ତ ନାୟକ, ଗୁଡୁମ ଗ୍ରାମର ପଙ୍କଜ ପ୍ରଧାନ, ରାମସିଂହପ୍ରସାଦ ଗ୍ରାମର ଧୀରେନ ଛୁଆଳସିଂହ। ଅବକାରୀ ଇନ୍ସପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉ କରିଥିଲେ। କଙ୍କଣହାର, ଗୁଡୁମ, ପରିଛଳ, ଗୋପୀନାଥପୁର, ମଙ୍ଗଳପୁର ଅଞ୍ଚଳରୁ ୨୫ଲିଟର ଦେଶୀ ଓ ୧୦ଲିଟର ରନ୍ଧାମଦ ଜବତ କରିଥିଲେ। କେତେକ ମଦ ଭାଟି ଉପରେ ଚଢ଼ାଉ କରାଯାଇ ୧୨୦ଲିଟର ମଦ ଜବତ କରାଯାଇଛି। ୨୫୦୦ ଲିଟର ପୋଚ ଓ ମଦ ରନ୍ଧା ସାମଗ୍ରୀ ଜବତ ହୋଇଛି ବୋଲି ଅବକାରୀ ଇନ୍ସପେକ୍ଟର ସାହୁ କହିଛନ୍ତି।

## ଗାଡ଼ି ଧକ୍କାରେ ଯୁବକ ମୃତ

**ଯାଁଳା,୧୫।୪(ଡି.ଏନ୍.ଏ.):** ୧୬ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ଟୋଲଗେଟ୍ ନିକଟରେ ବୁଧବାର ରାତିରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ କଟକ ଜିଲାର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଯୁବକ ଜଣକ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ଯାଁଳା ଫାଣ୍ଡି ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ବେଳେ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି।

## ଆମ୍ବେଦକରଙ୍କ ଜୟନ୍ତୀ

**ଖୋର୍ଦ୍ଧା ଅଫିସ/ଜଟଣୀ, ୧୫।୪(ଡି.ଏନ୍.ଏ.):** ଖୋର୍ଦ୍ଧା ବ୍ଲକ ନରଣଗଡ଼ସ୍ଥିତ ଭିମ୍ ଆର୍ମି ପକ୍ଷରୁ ଭୀମରାଓ ରାମଜି ଆମ୍ବେଦକରଙ୍କ ୧୩୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସୁନୀଲ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ତ୍ରିନାଥ ଭୋଳ, ପ୍ରମୋଦ ନାୟକ, ଉଦୟ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସମାଜରେ ଅନ୍ଧବିଶ୍ୱାସ ଦୂର, ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ସୁନୀଲ କହିଥିଲେ। ନିଜ ସ୍ୱାର୍ଥ ପରିବର୍ତ୍ତେ ରାଷ୍ଟ୍ରର ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ସେହିପରି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ(ଜଟଣୀ) ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ରେଳମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ, ଅତିରିକ୍ତ ରେଳମଣ୍ଡଳ ପ୍ରବନ୍ଧକ(ଇନ୍ଫ୍ରା) କଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ରେଳମଣ୍ଡଳ ପ୍ରବନ୍ଧକ(ଅପରେଶନ)ଅଶୋକ କୁମାର ଯୋଗଦେଇ କହିଥିଲେ, ଆମ୍ବେଦକର ଜଣେ ସମାଜ ସଂସ୍କାରକ, ରାଜନେତା ସହ ଜଣେ ଦକ୍ଷ ଅର୍ଥନୀତିଜ୍ଞଭାବେ ପରିଚିତ। ଏହି ଅବସରରେ ବହୁ ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

# ପ୍ରବାସୀ ଓଡ଼ିଆଙ୍କ ବସ୍ ଦୁର୍ଘଟଣାଗ୍ରସ୍ତ

### ପୁଣି ଆରମ୍ଭ ହେଲା ଘରବାହୁଡ଼ା

- ଟ୍ରକ୍ ଚାଳକ ମୃତ, ବହୁ ଯାତ୍ରୀ ଆହତ
- କେରଳରୁ ପ୍ରବାସୀଙ୍କୁ ନେଇ ଆସୁଥିଲା ବସ୍



ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି।

**ଖୋର୍ଦ୍ଧା ଅଫିସ,୧୫।୪**

କରୋନା ଭୟରେ ପୁଣି ପ୍ରବାସୀ ଓଡ଼ିଆଙ୍କ ଘର ବାହୁଡ଼ା ଆରମ୍ଭ ହୋଇଛି। କେରଳରୁ ପ୍ରବାସୀଙ୍କୁ ଧରି ଆସୁଥିବା ଏକ ଘରୋଇ ବସ୍‌ଟି ଖୋର୍ଦ୍ଧା ଜିଲା ଟାଙ୍ଗୀ ବାଇପାସ୍ ୧୬ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ମାଲବାହୀ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହେବାରୁ ବହୁ ଯାତ୍ରୀ ଆହତ ହୋଇଥିବାବେଳେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତେବେ ଦୁର୍ଘଟଣାକୁ ନେଇ କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ମୁତାବକ, ଜାତୀୟ ରାଜପଥରେ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ତେଣୁ ବିଭିନ୍ନ ସ୍ଥାନରେ ରାସ୍ତାର ଗୋଟିଏ ରୁଟ୍‌ରେ ଯାନବାହନ ଯାତାୟାତ କରୁଥିବାବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କେରଳର କୁନ୍ନୁର ଅଞ୍ଚଳରୁ କେନ୍ଦ୍ରାପଡ଼ା ଜିଲାର ପ୍ରବାସୀ ଓଡ଼ିଆଙ୍କୁ ଧରି ଆସୁଥିବା ବସ୍ (କେଏଲ୍୬୭-୫୦୯୮)ଟି ଟାଙ୍ଗୀ ବାଇପାସ୍‌ରେ ଏକ ଟ୍ରକ୍ ସହ ମହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବସ୍ ଓ ଟ୍ରକ୍‌ର ସମ୍ମୁଖ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଟ୍ରକ୍ ଚାଳକ କ୍ୟାବିନରେ ଚାପି ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ତ୍ରୁଟିପୂର୍ଣ୍ଣ ରାସ୍ତା ପରିଚାଳନାକୁ ଦାୟୀ କରି ଲୋକେ ହୋହଲ୍ଲା କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଉଭୟ ପଟୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଯାନବାହନ ଚଳାଚଳକୁ ସ୍ୱାଭାବିକ କରିଥିଲେ। ଟ୍ରକ୍‌ର ଆଗପଟ କଟାଯିବା ପରେ ପୋଲିସ ଚାଳକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିଥିଲା। ପରେ ଯାତ୍ରୀଙ୍କୁ ଅନ୍ୟ ବସ୍‌ରେ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା।

## ଟ୍ରକ୍ ଧକ୍କାରେ ଓଲଟିଲା ମାଛ ବୋଝେଇ ଭ୍ୟାନ୍

**ଯାଁଳା,୧୫।୪(ଡି.ଏନ୍.ଏ.)**

୧୬ନଂ. ଜାତୀୟ ରାଜପଥ ଯାଁଳା ସିନେମା ହଲ୍ ଛକରେ ଗୁରୁବାର ରାତିରେ ଏକ ଟ୍ରକ୍ ମାଛ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ଫଳରେ ପିକଅପ୍ ଭ୍ୟାନ୍ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଫଳରେ ଉଭୟ ପଟୁ ଆସୁଥିବା ଗାଡ଼ି ଅଟକି ରହିଥିଲା। ଖବରପାଇ ପୋଲିସ ପହଞ୍ଚିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା ବେଳେ ଭ୍ୟାନକୁ ଟ୍ରକ୍ ଧକ୍କା ଦେଇଥିଲା।



ଭାରତୀୟ ନୌସେନା ବିଭାଗ, ଚିଲିକା ଶାଖା ତାଲିମ କେନ୍ଦ୍ର ପରିସରରେ ଗୁରୁବାର ଅନୁଷ୍ଠିତ ୪୧୯ ନାବିକଙ୍କ ପାସିଂ ଆଉଟ୍ ପରେଡ଼।

## ତହସିଲ ଅଫିସ ଭିତରକୁ ସର୍ବସାଧାରଣଙ୍କୁ ମନା

**ଜଟଣୀ,୧୫।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ଗୁରୁବାର ପ୍ରଶାସନ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଭିତରକୁ ସର୍ବସାଧାରଣ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଫଳରେ ଜମିଜମା କାର୍ଯ୍ୟରେ ଆସୁଥିବା ଲୋକେ ଝରକା ବାହାରେ ରହି କାର୍ଯ୍ୟ କରି ଫେରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ମାସ୍କ ପରିଧାନ, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଥିବା ବେଳେ କେତେଜଣ ଅମାନିଆ ମାନୁନାହାନ୍ତି।

# ମେଡିକାଲରେ ଘରୋଇ ଆମ୍ବୁଲାନ୍ସ ଚାଳକଙ୍କ ଦୌରାତ୍ମ୍ୟ

### ୨ ଗିରଫ, ଦୁଇ ଆମ୍ବୁଲାନ୍ସ ଜବତ

**ଖୋର୍ଦ୍ଧା ଅଫିସ,୧୫।୪**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଘରୋଇ ଆମ୍ବୁଲାନ୍ସ ଚାଳକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଏଠାରୁ ରୋଗୀଙ୍କୁ କଟକ, ଭୁବନେଶ୍ୱର ଏବଂ ବାହାର ରାଜ୍ୟକୁ ନେବାଲାଗି ଆସୁଥିବା ଆମ୍ବୁଲାନ୍ସ ଚାଳକଙ୍କୁ ସ୍ଥାନୀୟ ଆମ୍ବୁଲାନ୍ସ ଚାଳକମାନେ ମାରପିଟ କରିବା ସହ ଧମକ ଦେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ମେଡିକାଲ କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଯୋଗୁ ହସ୍ପିଟାଲରେ ଏମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗୁରୁବାର ଟାଙ୍ଗୀ ବାଇପାସ୍‌ରେ ଟ୍ରକ୍ ଓ ଘରୋଇ ବସ୍ ଧକ୍କାରେ ମୃତ୍ୟୁ ହୋଇଥିବା ଟ୍ରକ୍ ଚାଳକଙ୍କ ମୃତଦେହକୁ ଟାଙ୍ଗୀର ସରୋଜ କୁମାର ସାହୁ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ଆଣିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ନେଇ ଧାନବାଦ ଅଭିମୁଖେ ବାହାରିଥିଲେ। ଏହି ସମୟରେ ମେଡିକାଲରେ ଥିବା ଦୁଇ ଘରୋଇ ଆମ୍ବୁଲାନ୍ସ ଚାଳକ ବ୍ୟବଚ୍ଛେଦ ଗୃହ ନିକଟରେ ପହଞ୍ଚିଥିଲେ। ମୃତଦେହ ଏଠାରୁ ନେଇପାରିବ ନାହିଁ, ଆମେ ନେବୁ ବୋଲି ସରୋଜଙ୍କୁ କହିବା ସହ ଆକ୍ରମଣ କରିଥିଲେ। ଏନେଇ ସରୋଜଙ୍କ ଅଭିଯୋଗକ୍ରମେ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୧୪୫/୨୧) ରୁଜୁକରି ୨ଜଣଙ୍କୁ ଗିରଫ କରିବା ସହ ଦୁଇଟି ଆମ୍ବୁଲାନ୍ସ (ଓଆର୦୨ ଏୱାଇ୪୨୮୬, ଓଡ଼ି୩୩ ଏଫ୭୦୮୬) ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏମ୍.ବବୁଲ ଏବଂ ଅଲିମ ଖାନ। ଏ ସମ୍ପର୍କରେ ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି, ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଟ୍ରକ୍ ଚାଳକଙ୍କ ମୃତଦେହକୁ ସରୋଜ ଆମ୍ବୁଲାନ୍ସରେ ନେଇ ମେଡିକାଲକୁ ଆସିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ନେବା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ସରୋଜ ପ୍ରଥମେ ଟାଙ୍ଗୀ ପୋଲିସକୁ ଜଣାଇଥିଲେ। ପୋଲିସ ମେଡିକାଲରେ ପହଞ୍ଚି ସରୋଜଙ୍କୁ ଉଦ୍ଧାର କରିବା ସହ ଅଭିଯୋଗକ୍ରମେ ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇଛି।

## ବିଶ୍ୱଶାନ୍ତି ମହାଯଜ୍ଞ

**ନିରାକାରପୁର,୧୫।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଷ୍ଟେସନ ରାସ୍ତାରେ ଥିବା ମା' ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଏହି ପୀଠରେ ୩ଦିନ ଧରି ଚାଲୁଥିବାବେଳେ କୋଭିଡ୍ ଯୋଗୁ ଚଳିତ ବର୍ଷ ଗୋଟିଏ ଦିନ କରାଯାଇଥିଲା। ସକାଳୁ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତିମାନ ଦିଆଯାଇଥିଲା। ହରିବୋଲ, ହୁଳହୁଳିରେ ପୀଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୯ ପଜିଟିଭ୍

### ୧୩,୪୦୦ ଡଣ୍ଡ ଗଣିଲେ ଅମାନିଆ

**ଖୋର୍ଦ୍ଧା ଅଫିସ,୧୫।୪**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ଖୋର୍ଦ୍ଧା ଗ୍ରାମାଞ୍ଚଳ (ବିଏମ୍‌ସିକୁ ବାଦ୍ ଦେଇ)ରେ ୧୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେବେ ଗ୍ରାମାଞ୍ଚଳରେ ମୋଟ ୧୩,୬୦୮ଜଣ ଆକ୍ରାନ୍ତ ହୋଇଛନ୍ତି। ସେଥିରୁ ୧୩,୪୭୮ଜଣ ସୁସ୍ଥ ହୋଇଥିବା ବେଳେ ୭୩ଜଣ ସକ୍ରିୟ ରହିଛନ୍ତି। ୫୭ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିପରି ଗୁରୁବାର ଜିଲାରେ ୯୯୦ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିରୁ ଆର୍‌ଟି-ପିସିଆର ୩୩୦ ଏବଂ ଆଣ୍ଟିଜେନ ଟେଷ୍ଟ ୬୬୦ ରହିଛି। କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କରିଥିବା ଅମାନିଆଙ୍କଠାରୁ ୧୩,୪୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଗୁରୁବାର ଜିଲାର ୧୦ଟି କେନ୍ଦ୍ରରେ ୨୧୩୪ଜଣ ଟିକା ନେଇଛନ୍ତି। ଜିଲାପାଳ ସନତ ମହାନ୍ତି କହିଛନ୍ତି, ଜିଲାରେ କୋଭିଡ୍ ସ୍ଥିତିରେ ସୁଧାର ଆଣିବା ଲାଗି ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେବାକୁ କହିଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଆଦି



@ ଅବିନାଶ



@ ଚୁନ୍‌ମୁନ



@ ବିଷ୍ଣୁପ୍ରିୟା



@ ସୌମ୍ୟ



@ ହାପି



@ ରଶ୍ମି

## ଅଷ୍ଟଶମ୍ଭୁ ମେଳଣ ଉଦ୍‌ଯାପିତ

**ବାଲୁଗାଁ,୧୫।୪(ଡି.ଏନ୍.ଏ.)**

ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ବାଲୁଗାଁସ୍ଥିତ ଶ୍ରୀଉମାମହେଶ୍ୱର ଦେବଙ୍କ ମନ୍ଦିର ପଡ଼ିଆରେ ଦୁଇଦିନ ଧରି ଅନୁଷ୍ଠିତ ପଣାସଂକ୍ରାନ୍ତି ଏବଂ ଅଷ୍ଟଶମ୍ଭୁ ମେଳଣ ଉତ୍ସବ ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। କୋଭିଡ୍ କଟକଣା ମଧ୍ୟରେ କେବଳ ନୀତିକାନ୍ତି ଅନୁଯାୟୀ ଏହି ଉତ୍ସବ ପାଳିତ ହୋଇଥିଲା। ଉତ୍ସବର ଥାନପତି ଉମାମହେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ରାମେଶ୍ୱର ଦେବ, ଗଡିଶ୍ୱର ଦେବ, ନୀଳକଣ୍ଠେଶ୍ୱର ଦେବ, ବାଲୁଙ୍କେଶ୍ୱର ଦେବ, ବାଙ୍କନିଧି ଦେବ, ଚନ୍ଦ୍ରଶେଖର ଦେବ, ସିଂହନାଥ ଦେବ, ଗୁପ୍ତେଶ୍ୱର ଦେବ, ଦଧିବାମନ ଦେବ, ଗୋପାଳ ଜୀଉ ଦେବ, ରଘୁନାଥ ଦେବ, ରାଧାଗୋବିନ୍ଦ ଦେବ, ମା' ଜାଗୁଳାଇ ଏବଂ ମା' ଚଣ୍ଡୀ ଠାକୁରାଣୀଙ୍କ ସମେତ ୧୬ ଦେବଦେବୀ ବୁଧବାର ରାତିରୁ ବିନା ପାଟପଟୁଆରରେ ଆସି ମେଳଣ ପଡ଼ିଆରେ ଆସ୍ଥାନ ବିଜେ କରିଥିଲେ। ଏହା ପରେ ଠାକୁରଙ୍କୁ ପଣା ଭୋଗ ଲାଗି ହୋଇଥିଲା। ଗୁରୁବାର ସକାଳୁ ଠାକୁରଙ୍କୁ ଦୁଇଟି ପର୍ଯ୍ୟାୟରେ ଭୋଗଲାଗି ହେବା ସହ ଦିନ ତମାମ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ପାରମ୍ପରିକ ପୂଜା ନୀତି ସମ୍ପାଦନା ପରେ ମେଳଣ ପର୍ବ ଆରମ୍ଭ ହୋଇଥିଲା। ପରେ ସମସ୍ତ ଠାକୁର ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କୋଭିଡ୍ କଟକଣା ଯୋଗୁ ଚଳିତ ବର୍ଷ ଏହି ମେଳଣରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ମେଳଣ ଉତ୍ସବରେ ଉପସ୍ଥିତ ରହି ସେବାୟତ ଏବଂ କମିଟି ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଆଇଆଇସି ରମାକାନ୍ତ ମହାଲିକଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ଉମାମହେଶ୍ୱର ଦେବଙ୍କ ମନ୍ଦିର ପଡ଼ିଆରେ ଏକତ୍ରିତ ହୋଇଥିବା ଦେବଦେବୀ।

## ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ୫.୫୦ ଲକ୍ଷ ଲୁଟ

**ନିରାକାରପୁର,୧୫।୪(ଡି.ଏନ୍.ଏ.)**

ଜଙ୍କିଆ ଥାନା ନିକଟ ୧୬ନଂ. ଜାତୀୟ ରାଜପଥରେ ଗୁରୁବାର ଦୁଇ ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ୫ଲକ୍ଷ ୫୦ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଅପରାହ୍ନ ସାଢ଼େ ୩ଟାରେ ରାମେଶ୍ୱର ଛକ ନିକଟ ପାଇକରାୟ ପେଟ୍ରୋଲ ପମ୍ପ କର୍ମଚାରୀ ସଂଗ୍ରାମ ଜୟସିଂ ଓ ସୁମନ୍ତ ବେହେରା ୫ଲକ୍ଷ ୫୦ହଜାର ଟଙ୍କା ଧରି ଜଙ୍କିଆସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଡିପୋଜିଟ୍ କରିବା ପାଇଁ ସ୍କୁଟିରେ ଯାଉଥିଲେ। ରାମେଶ୍ୱର ଛକ ଓ ଜଙ୍କିଆ ଛକ ମଧ୍ୟବର୍ତ୍ତୀ ଅଞ୍ଚଳରେ ୨ଟି ପଲ୍‌ସରରେ ୬ଜଣ ମୁଖାପିନ୍ଧା ଦୁର୍ବୃତ୍ତ ପହଞ୍ଚି ସେମାନଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ଫଳରେ କର୍ମଚାରୀଦ୍ୱୟ ଗାଡିରୁ ପଡ଼ିଯାଇଥିଲେ। ପରେ ଦୁର୍ବୃତ୍ତମାନେ କର୍ମଚାରୀଙ୍କ ବେକରେ ମାରଣାସ୍ତ୍ର ଲଗାଇ ସାଢେ ୫ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ।

## ବିଭିନ୍ନ ମାମଲାରେ ୩ କୋର୍ଟଚାଲାଣ

**ଜଟଣୀ,୧୫।୪(ଡି.ଏନ୍.ଏ.)**

ବିଭିନ୍ନ ମାମଲାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଜଟଣୀ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗତ ୮ତାରିଖରେ ଜଟଣୀ ବ୍ଲକ ବେଣାପଞ୍ଜରି ଗ୍ରାମର ସାଇଦା ବିବିଙ୍କ ଘର ଉପରକୁ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ଉକ୍ତ ଗ୍ରାମର ଅମରୁଦ୍ଦିନ ଖାଁ ଓରଫ ଅମିରଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଦୁଇଟି ବାଇକ୍ ଓ ଏକ ପିକ୍‌ଅପ୍ ଭ୍ୟାନ ଜବତ ହୋଇଛି। ସେହିପରି ଅନ୍ୟ ଏକ ଚୋରି ଘଟଣାରେ ଟାଙ୍ଗୀ ଦୀକ୍ଷିତପଡା, ଉପରସାହି ଅଞ୍ଚଳର ନିଜାଦ ଖାଁଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଏକ ବାଇକ୍ ଜବତ ହୋଇଛି। ଜଟଣୀ ବ୍ଲକ ଦେଉଳବସ୍ତର ଦେବାଶିଷ ରାୟଙ୍କ ଘରୁ ସୁନା ଅଳଙ୍କାର ଏବଂ ସାମଗ୍ରୀ ଚୋରି ଘଟଣାରେ ପୋଲିସ ବେଣାପଞ୍ଜରୀ ଗ୍ରାମର ରାଜୁ ବାବୁ ଓରଫ୍ ରମଜାନ ଖାଁଙ୍କୁ ଗିରଫ କରିଛି।

# ଅଫ୍‌ଲାଇନ ପରୀକ୍ଷା ସ୍ଥଗିତ



କଲେଜ ପରିସରରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

### ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ

**ଖୋର୍ଦ୍ଧା ଅଫିସ,୧୫।୪**

ଅଫ୍‌ଲାଇନ ପରୀକ୍ଷା ବାତିଲ ଦାବିରେ ଗୁରୁବାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଅଫ୍‌ଲାଇନ ପରିବର୍ତ୍ତେ ଅନଲାଇନରେ ପରୀକ୍ଷା କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଥିଲେ। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ବିଦ୍ୟାର୍ଥୀମାନେ କଲେଜ ପରିସରରେ ବିକ୍ଷୋଭ ସହ ଧାରଣା ଦେଇଥିଲେ। ଏନେଇ କେତେଜଣ ଛାତ୍ରୀଛାତ୍ର କହିଛନ୍ତି, ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମିତଙ୍କ ହାର ୩ଶହ ଅଙ୍କ ଛୁଇଁଲାଣି। ଏଭଳି ସ୍ଥିତିରେ କଲେଜରେ ପରୀକ୍ଷା କରାଗଲେ ଅନେକ ବିଦ୍ୟାର୍ଥୀଙ୍କ ଜୀବନ ପ୍ରତି ବିପଦ ରହିଛି। ଗୋଟିଏ ପଟେ ସରକାର ସଂକ୍ରମଣ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ କଲେଜ କର୍ତ୍ତୃପକ୍ଷ ଜାଣିଶୁଣି ପିଲାଙ୍କୁ ମରଣମୁହଁକୁ ଠେଲି ଦେଉଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ କଲେଜ ଅଧକ୍ଷା ରଞ୍ଜିତା ସେଠୀ କହିଛନ୍ତି, ୧୯ତାରିଖରୁ ଆରମ୍ଭ ହେବାକୁ ଥିବା ଅଫଲାଇନ ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସୂଚନାଥାଉ କି, ଏପ୍ରିଲ ୧୯ରୁ ଯୁକ୍ତ୩ ଦ୍ୱିତୀୟ ବର୍ଷ ପିଲାଙ୍କ ୩ୟ ସେମିଷ୍ଟର ପରୀକ୍ଷା ଲାଗି କଲେଜ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ସଂକ୍ରମଣ ପାଇଁ ଅଫଲାଇନ ପରୀକ୍ଷାକୁ ବିଦ୍ୟାର୍ଥୀମାନେ ବିରୋଧ କରିବା ସହ ଦୁଇଦିନ ପୂର୍ବେ ଛାତ୍ରୀଛାତ୍ରମାନେ କଲେଜ ଅଧକ୍ଷାଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

